

# ସତ୍ୟବାକ୍ୟ

# THE WORD OF TRUTH

SEP & OCT - 2008

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.13 Sep & Oct...2008 (No.5)

Published every two months in Oriya language for the Restoration of pure New Testament Christianity

Watch **SATYA VANI** programme on **T.V.-5** Channel Every Saturday at **6 :30** a.m. in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XIII KAKINADA SEP.-OCT. 2008**


## ସୁସମାଚାର
## (The Gospel)

"ସୁସମାଚାର"ର ଅର୍ଥ ଶୁଭବାର୍ତ୍ତା ଅଥବା ଖ୍ରୀଷ୍ଟଙ୍କ ବିଷୟକ, ରାଜ୍ୟ ବିଷୟକ ଓ ପରିତ୍ରାଣ ବିଷୟକ ଉତ୍ତମ ସମାଚାର । ବହୁବର୍ଷ ଧରି ସୁସମାଚାର ପ୍ରତିଜ୍ଞାରେ ଥିଲା, କିନ୍ତୁ ଏବେ ବାସ୍ତବତାରେ ଅଛି ।

"ସୁସମାଚାର"ର ଅର୍ଥ କଅଣ ? ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି,"ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ, ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି, ଯଦି ତୁମ୍ଭେମାନେ ତାହା ଦୃଢ଼ଭାବରେ ଧରିଥାଅ, ତେବେ ତାହା ଦ୍ୱାରା ପରିତ୍ରାଣ ପାଉଅଛ, ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା- ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।" (୧ମ କରିନ୍ଥୀ ୧୫:୧-୪)

ସୁସମାଚାର କେତୋଟି ସର୍ତ୍ତ ଓ ଆଜ୍ଞା ରହିଅଛି, ଯାହା ଆମ୍ଭେମାନେ ପାଳନ କରିବା ଆବଶ୍ୟକ । "ଯେହେତୁ, ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୫, ୧୬) । ଅତଏବ, ସୁସମାଚାରରେ ବିଶ୍ୱାସ ଓ ବାପ୍ତିସ୍ମ ଜନକ ଆଜ୍ଞା ଦିଆଯାଇଅଛି ।

ଏହା ମାତ୍ର ନୁହେଁ, ସୁସମାଚାରରେ ଅନ୍ୟାନ୍ୟ ପ୍ରତିଜ୍ଞା ରହିଅଛି । ଯେଉଁମାନେ ସୁସମାଚାରର ଆଜ୍ଞାବହ ହୁଅନ୍ତି ସେମାନେ ପରିତ୍ରାଣ, ପାପକ୍ଷମା, ପବିତ୍ର ଆତ୍ମା, ସମସ୍ତ ଆତ୍ମିକ ଆଶୀର୍ବାଦ, ଅନନ୍ତ ଜୀବନ ପ୍ରତିଜ୍ଞା ପାଇଅଛନ୍ତି । (ମାର୍କ ୧୬:୧୬, ପ୍ରେରିତ ୨:୩୮, ଏଫିସୀ ୧:୩) ସୁସମାଚାର ପରିତ୍ରାଣ, ପବିତ୍ର ଆତ୍ମାଙ୍କ ବରଦାନ ପ୍ରତିଜ୍ଞା କରେ । ଅତଏବ ମନୁଷ୍ୟ ସୁସମାଚାରର ଆଜ୍ଞାବହ ହୋଇ ପରମେଶ୍ୱରଙ୍କ ପ୍ରଦତ୍ତ ଅନୁଗ୍ରହ ସବୁ ପ୍ରାପ୍ତ ହୁଏ । ତାହାଙ୍କ ଅବଜ୍ଞାକାରୀମାନଙ୍କୁ ସେ ଦଣ୍ଡଦାତା ଅଟନ୍ତି । (୨ ତୀମଥି ୧:୭-୯)

**ସୁସମାଚାରର ବାସ୍ତବତା :-** ୧ମ କରିନ୍ଥୀ ୧୫:୧-୪ ଅନୁଯାୟୀ ସୁସମାଚାରର ଅର୍ଥ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନ । ଖ୍ରୀଷ୍ଟ, ମାନବ ସମାଜ ନିମନ୍ତେ କ୍ରୁଶରେ ମୃତ୍ୟୁବରଣ କଲେ ତାହାଙ୍କ ମୃତ୍ୟୁପରେ ସେ ଯୋସେଫଙ୍କ ସମାଧିରେ ସମାଧିପ୍ରାପ୍ତ ହୋଇଥିଲେ । ତଥାପି ସମାଧି ଜୀବନରେ କର୍ତ୍ତାଙ୍କୁ ବନ୍ଦ କରି ରଖିପାରିନଥିଲା । ଖ୍ରୀଷ୍ଟ ମରଣ, ସମାଧି ଓ ନରକକୁ ଜୟ କରିଥିଲେ ।

ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଆମ୍ଭମାନଙ୍କୁ ସୁସମାଚାରର ଆଜ୍ଞାବହ ହେବା ଆବଶ୍ୟକ ବୋଲି ବାଇବଲ ଶିକ୍ଷା ଦିଏ । (୨ ଥେସ ୧:୭-୯, ୧ମ ପିତର ୪:୧୭,୧୮) । ମନୁଷ୍ୟ କିପରି ସୁସମାଚାରର ଆଜ୍ଞାବହ ହୋଇପାରିବ ? ଏହାର ଉତ୍ତର ଆମ୍ଭେମାନେ ରୋମୀୟ ୬:୧୭,୧୮ ପଦରେ ପଢ଼ିପାରୁ । "କିନ୍ତୁ ଈଶ୍ୱରଙ୍କ ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ, ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ, ପୁଣି ପାପରୁ ମୁକ୍ତ ହୋଇ ଧାର୍ମିକତାର ଦାସ ହୋଇଅଛ ।" ସେମାନେ ପାପର ଦାସ ଥିଲେ, କିନ୍ତୁ ଧାର୍ମିକତାର ଦାସ ହୋଇ ପାରିଅଛନ୍ତି । ତାହା କିପରି ସମ୍ଭବପର ? ସୁସମାଚାର ପାଳନ କରିବା ଦ୍ୱାରା ଅର୍ଥାତ୍ ଈଶ୍ୱରଙ୍କ ଶିକ୍ଷାର ଆଦର୍ଶ ଅନୁସରଣ କରି ସେହି 'ଶିକ୍ଷାର ଆଦର୍ଶ' ହେଲା, ଖ୍ରୀଷ୍ଟମରଣ, ସମାଧି ଓ ପୁନଃରୁଥାନ । ତାହାଙ୍କ ସଦୃଶ୍ୟ ଆମ୍ଭେମାନେ ପାପ ପ୍ରତି ମୃତ, ଜଳରେ ସମାଧିରୂପ ବାପ୍ତିସ୍ମ ଓ ନୂତନ ଜୀବନ ନିମନ୍ତେ ଉଥିତ ହୋଇ ସେହି ଶିକ୍ଷାର ଆଦର୍ଶ ଅନୁକରଣ କରିଥାଉ । ଖ୍ରୀଷ୍ଟ ଯେପରି ମୃତ୍ୟୁ ଭୋଗି, ସମାଧି ପ୍ରାପ୍ତ ହୋଇ ମୃତ୍ୟୁରୁ ଉଥିତ ହୋଇଥିଲେ, ଆମ୍ଭେମାନେ ବାପ୍ତିସ୍ମ ଗ୍ରହଣ କରି ନୂତନ ଜୀବନ ନିମନ୍ତେ ପୁନଃରୁଥିତ ହୋଇଥାଉ । ଏହି ସରଳ ପଥ ଅନୁସରଣ କରିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ପଥଦର୍ଶକ

ହେଉ । ବାକ୍ୟ କହେ,"ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ବାପ୍ତିଜିତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।" (ରୋମୀୟ ୬:୩)

**ସୁସମାଚାରର ଆଜ୍ଞା :-** ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ପୁନଃରୁଥାନ ହିଁ ସୁସମାଚାରର ବାସ୍ତବତା । ସୁସମାଚାରରେ କେତେକ ସର୍ତ୍ତ ଓ ଆଜ୍ଞା ରହିଅଛି, ଯାହା ପାଳନ ବିନୁ ଆମ୍ଭେମାନେ ପରିତ୍ରାଣ ପାଇପାରିବା ନାହିଁ ।

ସୁସମାଚାରର ଆଜ୍ଞା ସକଳ କଅଣ ? ପ୍ରଥମ, ଜଣେ ଈଶ୍ୱରଙ୍କ ବାକ୍ୟ ବିଶ୍ୱାସ କରିବା ଆବଶ୍ୟକ । ବାକ୍ୟ କହେ,"ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।" (ଏବ୍ରୀ ୧୧:୬) । ଦ୍ୱିତୀୟରେ, ବାକ୍ୟ ବିଶ୍ୱାସ କରି ମନ ପରିବର୍ତ୍ତନ କରିବା ଆବଶ୍ୟକ । ଯୀଶୁ କହିଲେ,"ମୁଁ ତୁମ୍ଭମାନଙ୍କୁ କହୁଅଛି, ନା, କିନ୍ତୁ ମନ ପରିବର୍ତ୍ତନ ନକଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।" (ଲୂକ ୧୩:୩) ତୃତୀୟରେ, ମନ ପରିବର୍ତ୍ତନ କରିବା ବ୍ୟକ୍ତି ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ଆବଶ୍ୟକ । ଯୀଶୁଖ୍ରୀଷ୍ଟଙ୍କୁ ଆପଣା ମୁଖ ଦ୍ୱାରା ସ୍ୱୀକାର ନକଲେ, ଆମ୍ଭେମାନେ ପରିତ୍ରାଣ ପାଇନପାରୁ । ପାଉଲ କହନ୍ତି,"କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।"(ରୋମୀୟ ୧୦:୧୦) । ଶେଷରେ, ପରିତ୍ରାଣ ପ୍ରାପ୍ତି ନିମନ୍ତେ ମନୁଷ୍ୟକୁ ଜଳରେ ଡୁବନ ନେବା ଆବଶ୍ୟକ । ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନିତାନ୍ତ ଆବଶ୍ୟକ । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଜନତାକୁ ପିତର କହିଥିଲେ,"..... ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ପରିତ୍ରାଣ ପ୍ରାପ୍ତି ନିମନ୍ତେ ଶାସ୍ତ୍ରରେ କେତୋଟି ସର୍ତ୍ତ ଓ ଆଜ୍ଞା ଲିଖିତ ହୋଇଥିବାରୁ, ସେଗୁଡ଼ିକ ପାଳନ ବିନୁ ଆମ୍ଭେମାନେ ପରିତ୍ରାଣ ପାଇପାରିବା ନାହିଁ । ତେଣୁକରି, ସ୍ୱର୍ଗାରୋହଣ ପୂର୍ବେ ଯୀଶୁଖ୍ରୀଷ୍ଟ ଆପଣା

ଶିଷ୍ୟମାନଙ୍କୁ କହିଲେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୫,୧୬)

**ସୁସମାଚାରର ପ୍ରତିଜ୍ଞା :-** ସୁସମାଚାରରେ ସର୍ତ୍ତ ଓ ଆଜ୍ଞା ସକଳ ସଙ୍ଗେ ସଙ୍ଗେ ପ୍ରତିଜ୍ଞା ମଧ୍ୟ ରହିଅଛି । ପ୍ରଶ୍ନ ଉଠେ, କିଏ ସେହି ପ୍ରତିଜ୍ଞା ସକଳ ପ୍ରାପ୍ତ ହୁଏ ? ଯେଉଁମାନେ ସୁସମାଚାର ସର୍ତ୍ତ ସବୁ ବିଶ୍ୱାସ କରି, ଆଜ୍ଞା ସକଳ ପାଳନ କରନ୍ତି, ସେମାନେ ସମସ୍ତେ ସୁସମାଚାରର ପ୍ରତିଜ୍ଞା ସକଳ ପ୍ରାପ୍ତ ହୁଅନ୍ତି । ତେବେ ସେହି ପ୍ରତିଜ୍ଞା ବା ଆଜ୍ଞା ସକଳ କଅଣ ? ସର୍ବପ୍ରଥମେ, ଯେଉଁମାନେ ସୁସମାଚାରର ଆଜ୍ଞା ସକଳ ପାଳନ କରନ୍ତି, ସେମାନେ ପାପକ୍ଷମା ପ୍ରାପ୍ତ ହୁଅନ୍ତି । ଖ୍ରୀଷ୍ଟ କହିଲେ,''.....ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୫,୧୬) । ପିତରଙ୍କ ଭାଷାରେ,''........ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮) । ଅତଏବ, ଯେଉଁମାନେ ସୁସମାଚାର ଆଜ୍ଞାବହ ହୁଅନ୍ତି ସେମାନେ ନିଶ୍ଚିତ ଭାବେ ଆଶୀର୍ବାଦ ପ୍ରାପ୍ତ ହେବେ । ଅନାଜ୍ଞାବହମାନେ ଦଣ୍ଡିତ ହେବେ । ସୁସମାଚାରର ଅନ୍ୟ ଏକ ଆଶୀଷ ହେଲା ପବିତ୍ର ଆତ୍ମାର ଦାନ ପ୍ରାପ୍ତ ହେବା । ଯେଉଁମାନେ ମନପରିବର୍ତ୍ତନ କରି ବାପ୍ତିଜିତ ହୁଅନ୍ତି, ସେମାନେ ପାପକ୍ଷମା ସଙ୍ଗେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହୁଅନ୍ତି । ପ୍ରେରିତ ୩:୧୯ ପଦର ମାତୃଗର୍ଭର ଖଞ୍ଜ ଓ ନପୁଂସକ (ପ୍ରେରିତ ୮ ପର୍ବ) କିପରି ଆନନ୍ଦିତ ହୋଇଥିଲେ ପଢ଼ିଥାଉଁ । ସମସ୍ତ ଆତ୍ମିକ ଆଶୀର୍ବାଦ ଖ୍ରୀଷ୍ଟଙ୍କ ଠାରେ ନିହିତ ରହିଅଛି । ସୁସମାଚର ଆଜ୍ଞାବହ ହେବା ଦ୍ୱାରା ଅନେକ ଆଶୀର୍ବାଦର ଭାଗୀଦାର ହୁଅନ୍ତି । ପାଉଲ କହନ୍ତି,''ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।'' (ଏଫିସୀ ୧:୩) ସୁସମାଚାର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ପ୍ରାପ୍ତ ହୋଇଅଛୁ । (ଯୋହନ ୧୪:୧-୬)

*- J.C. Choate*

❋❋❋

# ସଦାପ୍ରଭୁ ଆମ୍ଭମାନଙ୍କ ପାଇଁ ମହତ କର୍ମ କରିଅଛନ୍ତି

## (God hath done great things for us)

ଏହି ଜଗତରେ ପ୍ରତ୍ୟେକ ସର୍ବଦା ଆନନ୍ଦରେ ଜୀବନଯାପନ କରିବାକୁ ଇଚ୍ଛା କରନ୍ତି । ଏହି ଜଗତରେ ଅନେକ ପ୍ରକାର 'ଆନନ୍ଦ' ରହିଅଛି । ଆମ୍ଭେମାନେ ଯେବେ ପରମେଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେଉ, ତାହା ନିତ୍ୟ ଆନନ୍ଦ । ଆମ୍ଭମାନଙ୍କ ପରମେଶ୍ୱର ମହାନ ଅଟନ୍ତି । ତାହାଙ୍କ ମହତ କର୍ମମାନଙ୍କ ଦ୍ୱାରା ସେ ଆମ୍ଭମାନଙ୍କୁ ଆନନ୍ଦିତ କରନ୍ତି । ସେ ମନୁଷ୍ୟର ଆନନ୍ଦମୟ ଓ ସୁଖମୟ ଜୀବନଯାପନ ନିମନ୍ତେ ଏହି ସୁନ୍ଦର ଜଗତ, ତନ୍ମଧ୍ୟସ୍ଥ ପ୍ରତ୍ୟେକ ବିଷୟ ସୃଷ୍ଟି କରିଅଛନ୍ତି ।

ସର୍ବପ୍ରଥମେ ସେ ମନୁଷ୍ୟ ନିମନ୍ତେ ଆଲୋକ ସୃଷ୍ଟି କରିଥିଲେ । ଆଲୋକ ବିନୁ ଏହି ଜଗତ ଜୀବିତ ରହିବା ଅସମ୍ଭବ । ସୂର୍ଯ୍ୟର ଆଲୋକ ଓ ଶକ୍ତି ଉପରେ ଏହି ଜୀବଜଗତ ନିର୍ଭର କରେ । ପୃଥିବୀରେ ତୃଣ, ସବୁଜ ଶାକ, ଫଳୋତ୍ପାଦନ ଫଳବୃକ୍ଷ, ଲତା ଆମ୍ଭମାନଙ୍କୁ ନିରନ୍ତର ଆହାର ଯୋଗାନ୍ତି । ସଦାପ୍ରଭୁ ଆମ୍ଭମାନଙ୍କୁ ଆହାର ଦେବା ନିମନ୍ତେ ସବୁଜ ଜଗତ ସୃଷ୍ଟି କରି ଆନନ୍ଦମୟ ଜୀବନଯାପନ କରିବା ନିମନ୍ତେ ଆଶୀର୍ବାଦ କରି ଅଛନ୍ତି । ଏହି ଜଗତରେ ମତ୍ସ୍ୟ, ପକ୍ଷୀ ପଶୁପକ୍ଷୀ, ମନୁଷ୍ୟମାନଙ୍କ ଆହାର ନିମନ୍ତେ ସୃଷ୍ଟି ହୋଇଅଛନ୍ତି । ଏହି ସମସ୍ତ ସଦାପ୍ରଭୁ ସୃଷ୍ଟି କରି କହିଲେ,".....ଦେଖ, ଆମ୍ଭେ ଭୂମିସ୍ଥ ସବୁ ସବୀଜ ଫଳଦାୟକ ବୃକ୍ଷ ତୁମ୍ଭମାନଙ୍କୁ ଦେଲୁ, ତାହା ତୁମ୍ଭମାନଙ୍କୁ ଖାଦ୍ୟ ଦେବ । ପୁଣି ପୃଥିବୀସ୍ଥ ସମସ୍ତ ପଶୁ ଓ ଖେଚର ପକ୍ଷୀ ଓ ଭଚର ଭରୋଗାମୀ ଜନ୍ତୁ, ଏହି ସମସ୍ତ ପ୍ରାଣୀଙ୍କ ଭକ୍ଷ୍ୟ ନିମନ୍ତେ ଆମଭେ ସବୁ ହରିତ ଶାକ ଦେଲୁ......." (ଆଦି ୧:୨୯-୩୦)

ପୁରାତନ ନିୟମର ଭକ୍ତମାନଙ୍କ ଜୀବନରେ ସଦାପ୍ରଭୁ ଅନେକ ମହତ କର୍ମ କରି, ସେମାନଙ୍କୁ ଆନନ୍ଦିତ କରିଥିଲେ । ନୋହ ଓ ତାହାଙ୍କ ପରିବାରକୁ ମହାଜଳ ପ୍ରଳୟ ଠାରୁ ବୃହତ ଜାହାଜ ଦ୍ୱାରା ରକ୍ଷା କରିଥିଲେ । ଅବ୍ରାହମଙ୍କୁ ୧୦୦ ବର୍ଷ ଓ ତାହାଙ୍କ ଭାର୍ଯ୍ୟାକୁ ୯୦ ବର୍ଷ ବୟସରେ, ସେ ସେମାନଙ୍କ ଇସ୍‌ହାକଙ୍କୁ ଦେଇ ଆଶୀର୍ବାଦ

କରି ଆନନ୍ଦିତ କରିଥିଲେ । ଜାତିପିତା ଅବ୍ରାହମଙ୍କ ଦ୍ୱାରା ଜଗତର ସମସ୍ତ ଗୋଷ୍ଠୀ ଆଶୀର୍ବାଦ ପ୍ରାପ୍ତ ହୁଏ । ଇସ୍‌ହାକଙ୍କ ନିମନ୍ତେ ରିବିକାକୁ ଭାର୍ଯ୍ୟା ରୂପେ ପାଇବାରେ ସଦାପ୍ରଭୁ ସାହାଯ୍ୟ କରିଥିଲେ (ଆଦି ୨୪:୫୦) । ବନ୍ଧ୍ୟା ରିବିକା, ଇସ୍‌ହାକଙ୍କ ପ୍ରାର୍ଥନା ଦ୍ୱାରା ଗର୍ଭବତୀ ହୋଇ ଏଷୌ ଓ ଯାକୁବଙ୍କୁ ଜନ୍ମ ଦେଲେ । ସେ ଯେଉଁଠାରେ ବୀଜ ବପନ କଲେ, ସେଠାରେ ସେ ଶତଗୁଣ ଫସଲ କାଟିଲେ । ସେ ଯେଉଁଠାରେ କୂଅ ଖୋଳିଲେ ସେଠାରେ ପ୍ରଚୁର ଜଳ ପାଇଲେ । (ଆଦି ୨୫:୨୧, ୨୬:୧୨-୧୯)

ଯାକୁବଙ୍କ ଜୀବନରେ ସଦାପ୍ରଭୁ ଅନେକ ମହତକର୍ମ କରି ତାହାଙ୍କୁ ଆନନ୍ଦିତ କରିଥିଲେ । ଅବ୍ରାହମଙ୍କୁ ସଦାପ୍ରଭୁ ଦେଇଥିବା ପ୍ରତିଜ୍ଞା ସକଳ ତାହାଙ୍କ ଦ୍ୱାରା ସଫଳ ହୋଇଅଛି । (ଆଦି ୩୦:୪୩, ୩୫:୧୨) ତାହାଙ୍କ ଗର୍ଭରୁ ଅନେକ ରାଜା ଜନ୍ମଗ୍ରହଣ କରିଥିଲେ । ଏହି ଜଗତର ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ତାହାଙ୍କ ବଂଶଜାତ ।

ଯାକୁବ ପୁତ୍ର ଯୋସେଫ ଆପଣା ଭାଇମାନଙ୍କ ଦ୍ୱାରା ମିଶ୍ରୀୟ ବେପାରୀମାନଙ୍କ ନିକଟରେ ବିକ୍ରୀତ ହୋଇଥିଲେ । ସେ ସମ୍ମୁଖୀନ ହୋଇଥିବା ପ୍ରତ୍ୟେକ ପରୀକ୍ଷାରେ ଜୟୀ ହୋଇ, ମିସର ଦେଶର ଅଧିକାରୀରୂପେ ନିଯୁକ୍ତ ହୋଇଥିଲେ । ସଦାପ୍ରଭୁ ତାହାଙ୍କ ଜୀବନରେ ମହତ କର୍ମମାନ କରିଥିଲେ । ପ୍ରତ୍ୟେକ ଇଶ୍ରାଏଲୀୟ ପୁସନ୍ତାନମାନେ ନଦୀରେ ନିକ୍ଷିପ୍ତ ହେବା ନିମନ୍ତେ ରାଜାଜ୍ଞା ଥିଲା । କିନ୍ତୁ ସଦାପ୍ରଭୁ ମୋଶାଙ୍କ ଜୀବନରେ ମହତକର୍ମ କରିଥିଲେ । ସେ ଆପଣା ମାତା ଦ୍ୱାରା ଫାରୋଙ୍କ ରାଜପ୍ରାସାଦରେ ଫାରୋଙ୍କ କନ୍ୟାଙ୍କ ପୁତ୍ରରୂପେ ପାଳିତ ହୋଇ ଏକ ଉତ୍ତମ ଯୋଦ୍ଧାରୂପେ ପ୍ରଶିକ୍ଷିତ ପାଇଥିଲେ । ମୋଶାଙ୍କ ଜୀବନରେ ସଦାପ୍ରଭୁଙ୍କ ଅନେକ ମହାତକର୍ମମାନ ଆମ୍ଭେମାନେ ପବିତ୍ର ଧର୍ମଶାସ୍ତ୍ରରେ ପଢ଼ିବାକୁ ପାଇଥାଉ ।

ସଦାପ୍ରଭୁଙ୍କ ବାହୁବଳ ଦ୍ୱାରା ଇଶ୍ରାଏଲୀୟମାନେ ମିସର ଦେଶର ଦାସତ୍ୱରୁ ମୁକ୍ତ ହୋଇଥିଲେ । ମିସର ଦେଶରେ ସଦାପ୍ରଭୁଙ୍କ କୃତ ଆଶ୍ଚର୍ଯ୍ୟକର୍ମଗୁଡ଼ିକ ଦ୍ୱାରା ଫାରୋ ସେମାନଙ୍କୁ ମୁକ୍ତ କରିଥିଲେ । ମିସରୀୟ ପ୍ରତ୍ୟେକ ପରିବାରର ପ୍ରଥମ ଜାତ ମୃତ୍ୟୁଭୋଗିବା ସମୟରେ, ଇଶ୍ରାଏଲ ପରିବାର ପ୍ରଥମ ଜାତମାନ ଜୀବିତ ରହିଲେ । ସୂଫସାଗର ଦୁଇଭାଗ କରି ସଦାପ୍ରଭୁ ଇଶ୍ରାଏଲୀୟମାନଙ୍କୁ ଫାରୋ ସୈନ୍ୟମାନଙ୍କ ଠାରୁ ରକ୍ଷା କରିଥିଲେ । ଦିନରେ ମେଘ ସ୍ତମ୍ଭ ଓ ରାତିରେ ଅଗ୍ନିସ୍ତମ୍ଭ ସେମାନଙ୍କୁ

ଚଳାଇଥିଲେ । ଆକାଶରୁ ମାନ୍ନା ଦେଇ, ପଥରରୁ ଜଳ ଦେଇ, ଆକାଶ ପକ୍ଷୀମାନଙ୍କୁ ଖାଦ୍ୟ ଦେଇ ସେମାନଙ୍କୁ ୪୦ ବର୍ଷ ଯାଏ ପାଳନ କଲେ । କିଣାନ ଦେଶରେ ପ୍ରବେଶ କରିବା ନିମନ୍ତେ ଅନେକ ଯୁଦ୍ଧରେ ବିଜୟଦାନ କଲେ ।

ବେଥଲିହିମର ଯୁବକ ମେଷପାଳକ ଦାଉଦଙ୍କ ଜୀବନରେ ସଦାପ୍ରଭୁ ଅନେକ ମହାତ୍ କାର୍ଯ୍ୟ କରିଥିଲେ । ମେଷଶାଳାରୁ ଗ୍ରହଣ କରି ଇଶ୍ରାଏଲର ସିଂହାସନରେ ବସାଇଥିଲେ । ତେଣୁକରି ସେ କହନ୍ତି,‘‘ସଦାପ୍ରଭୁ ଆମ୍ଭମାନଙ୍କ ପାଇଁ ମହତ କର୍ମ କରିଅଛନ୍ତି, ତହୁଁ ସକାଶେ ଆମ୍ଭେମାନେ ଆନନ୍ଦିତ ଅଛୁ ।’’ (ଗୀତ ୧୨୬:୩) । ସଦାପ୍ରଭୁ ରତ, ନୟମୀ, ହାନ୍ନା, ଦାଉଦ, ଆୟୁବ, ସଦ୍ରକ, ମୈଶାକ, ଅବିଦନଗୋ, ଦାନିୟେଲ, ପ୍ରଭୃତିମାନଙ୍କ ଜୀବନରେ ମହତକର୍ମମାନ କରିଥିଲେ ବୋଲି ଆମ୍ଭେମାନେ ବାଇବଲରେ ପଢ଼ୀଥାଉଁ ।

ନୂତନ ନିୟମରେ ଆମ୍ଭେମାନେ ଅନେକଙ୍କ ଜୀବନରେ ସଦାପ୍ରଭୁ ମହତକର୍ମମାନ କରିଥିଲେ ପଢ଼ିଥାଉଁ । ନାଜରିତର କନ୍ୟା ମରିୟମଙ୍କୁ ଈଶ୍ୱରଙ୍କ ପୁତ୍ରଙ୍କ ମାତା ହେବାର ସୌଭାଗ୍ୟ ପ୍ରଦାନ କରିଥିଲେ । ସେ କହିଲେ,‘‘......ଯେ ଶକ୍ତିମାନ, ସେ ମୋ ପ୍ରତି ମହତକର୍ମ କରିଅଛନ୍ତି........’’ (ଲୂକ ୧:୪୯) ବୃଦ୍ଧ ଜିଖରିୟ ଓ ତାହାଙ୍କ ସ୍ତ୍ରୀ ଏଲିଜାବେଥ୍‌ଙ୍କର ଜୀବନରେ ବାପ୍ତିଜକ ଯୋହନଙ୍କୁ ସନ୍ତାନରୂପେ ଦେଇ ସେମାନଙ୍କ ଜୀବନ ଆନନ୍ଦମୟ କରିଥିଲେ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଆମ୍ଭମାନଙ୍କୁ ମଙ୍ଗଳ ସାଧନ କରିବା ନିମନ୍ତେ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ସେ ଏ ଜଗତରେ ଥିବା ବେଳେ ଅନେକ ଜୀବନରେ ମହତକର୍ମ କରି, ସେମାନଙ୍କୁ ଆନନ୍ଦିତ କରିଥିଲେ । ବାକ୍ୟ କହେ,‘‘........ସେ ମଙ୍ଗଳସାଧନ କରୁ କରୁ, ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ଭ୍ରମଣ କଲେ.......’’ (ପ୍ରେରିତ ୧୦:୩୮)। ସେ କୁଷ୍ଠୀ, ପକ୍ଷାଘାତ, ଅନ୍ଧ, ଛୋଟା, ପ୍ରଦରଗ୍ରସ୍ତ, ରକ୍ତସ୍ରାବ, କାଲ, ମୂକମାନଙ୍କୁ ସୁସ୍ଥ କରିଥିଲେ । ଭୂତଗ୍ରସ୍ତମାନଙ୍କୁ ସୁସ୍ଥ କଲେ । ଜାଇରସର ମୃତକନ୍ୟା, ଲାଜର ଓ ନାଇନ ନଗରର ବିଧବାର ପୁତ୍ରକୁ ପୁନଃଜୀବିତ କରିଥିଲେ ।

ସଦାପ୍ରଭୁ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରି ମହତ କାର୍ଯ୍ୟ କରିଅଛନ୍ତି । ତାହାଙ୍କ ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ପ୍ରାପ୍ତ ହୋଇଅଛୁ ।

ଏହି ଜଗତରେ ସଦାପ୍ରଭୁ ମଣ୍ଡଳୀସ୍ଥାପନ କରି ଆମ୍ଭମାନଙ୍କ ଜୀବନରେ ମଙ୍ଗଳ କରିଅଛନ୍ତି। ମଣ୍ଡଳୀ ବିନୁ ଖ୍ରୀଷ୍ଟିୟାନମାନଙ୍କ ଆତ୍ମିକ ଜୀବନରେ ଅଭିବୃଦ୍ଧି ପାଇବା ଅସମ୍ଭବ । ଆମ୍ଭମାନଙ୍କ ଜୀବନର ପଥ ଦର୍ଶକ ରୂପେ ବାଇବଲ ପ୍ରଦାନ କରି, ସେ ଆମ୍ଭମାନଙ୍କ ଜୀବନରେ ମହତ କର୍ମ କରିଅଛନ୍ତି ।

ଏତଦ୍‌ବ୍ୟତୀତ ସଦାପ୍ରଭୁ ଆମ୍ଭମାନଙ୍କ ପ୍ରତ୍ୟେକଙ୍କ ବ୍ୟକ୍ତିଗତ ଜୀବନରେ ଅନେକ ମହତ କର୍ମ କରି, ଆନନ୍ଦିତ କରିଆସୁଛନ୍ତି । ତାହାଙ୍କ ନାମର ଧନ୍ୟବାଦ ହେଉ । ତାହାଙ୍କ ହସ୍ତକୃତ ସମସ୍ତ କର୍ମ ଦ୍ୱାରା ଆମ୍ଭେମାନେ ଏହି ଜଗତରେ ଶାନ୍ତି, ଓ ସନ୍ତୋଷରେ ଜୀବନଯାପନ କରିପାରୁଅଛୁ । ଆମ୍ଭମାନଙ୍କ ଜୀବନର ମହତକର୍ମମାନ ବଦଳେ ସଦାପ୍ରଭୁଙ୍କୁ ଆମ୍ଭେମାନେ କଅଣ ଦେଇପାରିବା ? ଶମିରୋଣୀୟ କୁଷ୍ଠୀ ସୁସ୍ଥ ହେବା ପରେ ଉଚ୍ଚସ୍ୱରରେ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ କରୁ ବାହୁଡ଼ି ଆସି ଯୀଶୁଙ୍କ ଚରଣ ତଳେ ଉବୁଡ଼ି ହୋଇ ତାହାଙ୍କ ଧନ୍ୟବାଦ କରିଥିଲା । (ଲୂକ ୧୭:୧୫,୧୬) ଗରାଶୀୟ ଅଞ୍ଚଳର ଭୂତଗ୍ରସ୍ତ ଲୋକଙ୍କୁ ଯୀଶୁ ସୁସ୍ଥ କରି କହିଲେ,''......ତୁମ୍ଭର ଆତ୍ମୀୟମାନଙ୍କ ନିକଟକୁ ଯାଅ, ପୁଣି ପ୍ରଭୁ ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି ଓ ତୁମ୍ଭ ପ୍ରତି ଯେଉଁ ଦୟା ଦେଖାଇଅଛନ୍ତି, ସେହିସବୁ ସେମାନଙ୍କୁ ଜଣାଅ ।'' (ମାର୍କ ୫:୧୯) ସଦାପ୍ରଭୁ ଆମ୍ଭମାନଙ୍କୁ ଯେ ସବୁ ମହତକର୍ମ କରିଅଛନ୍ତି, ସେସବୁ ଅନ୍ୟମାନଙ୍କୁ ଜଣାଉ । ଗୀତରଚକ କହନ୍ତି,''ସଦାପ୍ରଭୁଙ୍କର ଧନ୍ୟବାଦ କର, ତାହାଙ୍କ ନାମରେ ପ୍ରାର୍ଥନା କର, ଗୋଷ୍ଠୀବର୍ଗ ମଧ୍ୟରେ ତାହାଙ୍କ କ୍ରିୟା ସକଳ ଜଣାଅ । ତାହାଙ୍କ ଉଦ୍ଦେଶ୍ୟରେ ଗାନ କର, ତାହାଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କର, ତୁମ୍ଭେମାନେ ତାହାଙ୍କର ସକଳ ଆଶ୍ଚର୍ଯ୍ୟକ୍ରିୟା ବିଷୟରେ କଥୋପକଥନ କର ।'' (ଗୀତ ୧୦୫:୧-୩)

ସର୍ବପୋରିସ୍ଥ, ସମସ୍ତ ସିଦ୍ଧ ଓ ଉତ୍ତମ ବିଷୟର ଦାତାଙ୍କୁ (ଯାକୁବ ୧:୧୭) ଆମେ କଅଣ ଦେଇପାରିବା ? ''ଆମ୍ଭେ କଅଣ ଘେନି ସଦାପ୍ରଭୁଙ୍କ ସମ୍ମୁଖରୁ ଆସିବା ଓ ଉର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ସମ୍ମୁଖରେ ପ୍ରଣାମ କରିବା ? ଆମ୍ଭେ କି ହୋମ ବଳିରୂପେ ଏକ ବର୍ଷୀୟ ଗୋବତ୍ସମାନ ନେଇ ତାହାଙ୍କ ଛାମୁକୁ ଆସିବା ? ସହସ୍ର ସହସ୍ର ମେଷରେ ଅବା ଅୟୁତ ଅୟୁତ ତୈଳର ନଦୀରେ ସଦାପ୍ରଭୁ କି ପ୍ରସନ୍ନ ହେବେ ? .......ହେ

ମନୁଷ୍ୟ, ଯାହା ଉତ୍ତମ, ତାହା ସେ ତୁମ୍ଭକୁ ଜଣାଇଅଛନ୍ତି, ନ୍ୟାୟଚରଣ, ଦୟା ଭଲ ପାଇବା ଓ ନମ୍ରଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାରୁ ଏହାଛଡ଼ା ସଦାପ୍ରଭୁ ତୁମ୍ଭଠାରୁ ଆଉ କଅଣ ଲୋଡ଼ନ୍ତି ? (ମୀଖା ୬:୬-୮) ଯେଉଁ ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ ଅନେକ ମହତକର୍ମ କରିଅଛନ୍ତି, ତାହାଙ୍କ ଗୌରବ ପ୍ରଶଂସା ଦେଇ, ତାହାଙ୍କ ଗୁଣଗାନ ପ୍ରଚାର କରିବା । ତାହାଙ୍କ ଆଜ୍ଞା ପାଳନ କରି, ତାହାଙ୍କ ସନ୍ତୋଷମୟ ଜୀବନଯାପନ କରିବା । ଏହାହିଁ ସେ ଆମ୍ଭମାନଙ୍କ ଠାରୁ ଲୋଡ଼ନ୍ତି ।

***- Kabita Gootam***

❋❋❋

# ସୃଷ୍ଟିର କ୍ରମ ଓ ପତନ
## (The order of creation and the fall)

ନୂତନ ନିୟମରେ ପ୍ରଦତ୍ତ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ଦ୍ୱାରା ଖ୍ରୀଷ୍ଟିୟାନମାନେ ଆବଦ୍ଧ । ପୁରାତନ ନିୟମ ପରିବର୍ତ୍ତେ ଆମ୍ଭମାନଙ୍କୁ ଏହି ନୂତନ ନିୟମ ପ୍ରଦତ୍ତ ହୋଇଅଛି । ଯଦିଓ ଆମ୍ଭେମାନେ ପୁରାତନ ସମୟର ନିୟମ ଦ୍ୱାରା ଆବଦ୍ଧ ନୋହୁଁ, ତଥାପି ଇତିହାସର ଘଟଣାବଳୀ ଆମ୍ଭମାନଙ୍କ ଜୀବନକୁ ପ୍ରଭାବିତ କରେ ।

ପ୍ରଥମ କରିନ୍ଥୀ ଓ ପ୍ରଥମ ତୀମଥି ପତ୍ରିକା ଦ୍ୱୟରେ ଖ୍ରୀଷ୍ଟିୟ ସ୍ତ୍ରୀର କାର୍ଯ୍ୟ ଓ ବ୍ୟବହାର ବିଷୟରେ ଲେଖିବା ନିମନ୍ତେ ପବିତ୍ର ଆତ୍ମା ପ୍ରେରିତ ପାଉଲଙ୍କୁ ନିର୍ଦ୍ଦେଶ ଦେଇଅଛନ୍ତି, ଯାହା କହେ,"ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ, ସେହିପରି ସ୍ତ୍ରୀଲୋକମାନେ ମଣ୍ଡଳୀରେ ନୀରବ ରହନ୍ତୁ । ଯେଣୁ କଥା କହିବା ପାଇଁ ସେମାନେ ଅନୁମତି ପାଇନାହାନ୍ତି, ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ ସେମାନେ ବଶୀଭୂତା ହୋଇ ରହନ୍ତୁ ।" (୧ମ କରିନ୍ଥୀ ୧୪:୩୪) "ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଇନାହିଁ, ମାତ୍ର ସେ ମୌନ ରହୁ ।" (୧ତୀମଥି ୨:୧୨)

ଇତିହାସର ଦୁଇ ମୁଖ୍ୟ ଘଟଣା ହେତୁ ଏହି ଆଜ୍ଞା ଦତ୍ତ ହେଲା । ସେଗୁଡ଼ିକ ହେଲା :-

❋ ହବାଙ୍କ ସୃଷ୍ଟ ପୂର୍ବେ ଆଦମ ସୃଷ୍ଟ ହୋଇଥିଲେ । (୧ମ ତୀମଥି ୨:୧୩)

❋ ଆଦମ ପ୍ରବଞ୍ଚିତ ହୋଇନଥିଲେ, ମାତ୍ର ସ୍ତ୍ରୀ ପ୍ରବଞ୍ଚିତ ହୋଇ ଆଜ୍ଞା ଲଂଘନ କରିବା ଦ୍ୱାରା ମନୁଷ୍ୟ ସମାଜର ପତନ ହୋଇଥିଲା (୧୪ତମ ପଦ)

୧ମ କରିନ୍ଥୀ ୧୧:୮,୯, ୧୧ ଓ ୧୨ ପଦରେ ଲେଖାଯାଏ, ''କାରଣ ପୁରୁଷ ସ୍ତ୍ରୀ ଠାରୁ ଉତ୍ପନ୍ନ ହୋଇନାହିଁ, ମାତ୍ର ସ୍ତ୍ରୀ ପୁରୁଷ ଠାରୁ ଉତ୍ପନ୍ନ ହୋଇଅଛି । ଆଉ ସ୍ତ୍ରୀ ନିମନ୍ତେ ତ ପୁରୁଷର ସୃଷ୍ଟି ହେଲା ନାହିଁ, କିନ୍ତୁ ପୁରୁଷ ନିମନ୍ତେ ସ୍ତ୍ରୀର ସୃଷ୍ଟି ହେଲା .....ତଥାପି ପ୍ରଭୁଙ୍କ ଠାରେ ପୁରୁଷ ଠାରୁ ସ୍ତ୍ରୀ ସ୍ୱତନ୍ତ୍ର ନୁହେଁ, କିମ୍ବା ସ୍ତ୍ରୀ ଠାରୁ ପୁରୁଷ ସ୍ୱତନ୍ତ୍ର ନୁହେଁ । କାରଣ ସ୍ତ୍ରୀ ଯେପରି ପୁରୁଷ ଠାରୁ ଉତ୍ପନ୍ନ, ପୁରୁଷ ମଧ୍ୟ ସେହିପରି ସ୍ତ୍ରୀ ଦ୍ୱାରା ଉତ୍ପନ୍ନ, କିନ୍ତୁ ସମସ୍ତ ବିଷୟ ଈଶ୍ୱରଙ୍କ ଠାରୁ ଉତ୍ପନ୍ନ ।''

ଏହି ବାକ୍ୟରୁ କ୍ରମ କେବଳ ସୃଷ୍ଟିରେ ନୁହେଁ, କିନ୍ତୁ ପାରିବାରିକ ଜୀବନରେ ସୁଦ୍ଧା ସଦାପ୍ରଭୁ ପ୍ରାଧାନ୍ୟତା ଦେଇଅଛନ୍ତି ବୋଲି ଜାଣିପାରୁ । କାରଣ ପୁରୁଷ ପ୍ରଥମେ ସୃଷ୍ଟି ହୋଇଥିଲେ ଓ ସେ ସ୍ତ୍ରୀର ମସ୍ତକ ସ୍ୱରୂପ ଅଟନ୍ତି ।

କ୍ରମପଦ୍ଧତି ବିନା କୌଣସି ସଂସ୍ଥା କାର୍ଯ୍ୟ କରିପାରେନା । ଅଧିକାରୀମାନଙ୍କ ନେତୃତ୍ୱ ଓ ଦାୟିତ୍ୱରେ ସଂସ୍ଥାର ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହୁଏ । ପୁରୁଷ ପ୍ରଥମେ ସୃଷ୍ଟ ହୋଇଥିବାରୁ, ପରିବାର ଦାୟିତ୍ୱ ପୁରୁଷ ଉପରେ ପରମେଶ୍ୱର ଦେଇଅଛନ୍ତି । ଏଠାରେ ''ନେତୃତ୍ୱ''ର ଅର୍ଥ ସ୍ତ୍ରୀ ଠାରୁ ଆଗେ ରହି ସତ୍‌ମାର୍ଗରେ ତାହାକୁ କଢ଼ାଇବା । ''ଦାୟିତ୍ୱ''ର ଅର୍ଥ ପରିବାର ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ପରମେଶ୍ୱରଙ୍କ ନିକଟରେ ହିସାବ ଦେବା ।

ପୁରୁଷ ଉପରେ ପରିବାରର ନେତୃତ୍ୱ ଓ ଦାୟିତ୍ୱ ରହିବା ଦ୍ୱାରା ସ୍ତ୍ରୀର ପ୍ରାଧାନ୍ୟତା ପରିବାରରେ କିଛି ନାହିଁ ବୋଲି ଅର୍ଥ ନୁହେଁ । ସ୍ତ୍ରୀ ପୁରୁଷ ନିମନ୍ତେ ସୃଷ୍ଟି ହୋଇଥିଲେ ହେଁ, ସ୍ତ୍ରୀର ଏକ ଭାର୍ଯ୍ୟା, ମାତା ରୂପ ପାତ୍ର ବିନା ମନୁଷ୍ୟ ଜାତିର ଅସ୍ତିତ୍ୱ ଅସମ୍ଭବ । ଅତଏବ ପୁରୁଷ ଓ ସ୍ତ୍ରୀ ଦୁହେଁ ପରସ୍ପର ନିର୍ଭରଶୀଳ ଓ ପରମେଶ୍ୱରଙ୍କ ଯୋଜନାର ପ୍ରଧାନ ପାତ୍ର ଅଟନ୍ତି ।

ସଦାପ୍ରଭୁ ପରମେଶ୍ୱରଙ୍କ ହସ୍ତ ସୃଷ୍ଟ ମନୁଷ୍ୟ, ପାପରେ ପତିତ ହେବା ପୂର୍ବେ ସିଦ୍ଧ ଓ ପବିତ୍ର ଥିଲେ । ଭଲ ଓ ମନ୍ଦ ନିର୍ଣ୍ଣୟ କରିବାର ଶକ୍ତି ସେମାନଙ୍କୁ ଦତ୍ତ ହୋଇଥିଲା । ପରମେଶ୍ୱର କେତୋଟି ନିୟମ ସ୍ଥାପନ କରିଥିଲେ, ଯାହା ସେ ମନୁଷ୍ୟମାନଙ୍କୁ ପାଳନ କରିବାକୁ ଆଜ୍ଞା ଦେଇଥିଲେ । ଆପଣା ଭଲମନ୍ଦ ନିର୍ଣ୍ଣୟ କରିବାର ଅଧିକାରକୁ ଅସତ୍ ବ୍ୟବହାର କରିବା ଯୋଗୁଁ ମନୁଷ୍ୟ ପବିତ୍ରତାରୁ, ସମ୍ପୂର୍ଣ୍ଣତାରୁ ପତନ ହୋଇଥିଲା ଯେହେତୁ ପରମେଶ୍ୱର ମନୁଷ୍ୟକୁ ସତର୍କ କରି କହିଥିଲେ,"........ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରିପାର, ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ, ଯେଉଁଦିନ ତାହା ଖାଇବ, ସେହିଦିନ ନିତାନ୍ତ ମରିବ ।" (ଆଦି ୨:୧୬,୧୭)

ଶୟତାନ ଖଳ ସର୍ପର ରୂପ ଧାରଣ କରି ଉଦ୍ୟାନରେ ପ୍ରବେଶ କରି ହବାଙ୍କୁ କହିଲା,"ଏ କି ସତ୍ୟ, ଉଦ୍ୟାନର କୌଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି ?"

ନାରୀ ସର୍ପକୁ କହିଲେ,"ଆମ୍ଭେମାନେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ଖାଇପାରୁ, କେବଳ ଉଦ୍ୟାନର ମଧ୍ୟସ୍ଥିତ ବୃକ୍ଷର ଫଳ ବିଷୟରେ ପରମେଶ୍ୱର କହିଅଛନ୍ତି, ତୁମ୍ଭେମାନେ ତାହା ଖାଇବ ନାହିଁ ଓ ଛୁଇଁବ ନାହିଁ, ତାହା କଲେ ମରିବ ।"

ସର୍ପ ନାରୀକୁ କହିଲା, "ତୁମ୍ଭେମାନେ କୌଣସି ରୂପେ ମରିବ ନାହିଁ, ବରଂ ପରମେଶ୍ୱର ଜାଣନ୍ତି ତୁମ୍ଭେମାନେ ଯେଉଁଦିନ ତାହା ଖାଇବ, ସେହିଦିନ ତୁମ୍ଭମାନଙ୍କ ଚକ୍ଷୁ ପ୍ରସନ୍ନ ହେବ, ତହିଁରେ ତୁମ୍ଭେମାନେ ପରମେଶ୍ୱରଙ୍କ ପରି ଭଲ ଓ ମନ୍ଦଜ୍ଞାନ ପାଇବ ।" (ଆଦି ୩:୩-୫)

ଶୟତାନର ପ୍ରଲୋଭନରେ ସ୍ତ୍ରୀ ବିଶ୍ୱାସ କରି,"ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀକୁ ଦିଅନ୍ତେ, ସେ ମଧ୍ୟ ଖାଇଲେ ।" (ଆଦି ୩:୩-୬)

୧ମ ତୀମଥି ୨:୧୪ ପଦନୁଯାୟୀ, ଶୟତାନର କଥାନୁଯାୟୀ ହବା ପ୍ରବଞ୍ଚିତ ହୋଇଥିଲେ । ଶୟତାନର ବାକ୍ୟ ଦ୍ୱାରା ହବା ପ୍ରଭାବିତ ହୋଇ ଏହି ଜଗତରେ ପାପ

ପ୍ରବେଶ ହେବାର କାରଣ ହେଲେ ।

ବିଶେଷ କାର୍ଯ୍ୟ ନିମନ୍ତେ ସଦାପ୍ରଭୁ ସ୍ତ୍ରୀ ସୃଷ୍ଟି କରିଅଛନ୍ତି । ସ୍ୱାମୀର ସହଧର୍ମିଣୀ, ପରିବାରର ଯତ୍ନକାରିଣୀ ଓ ସନ୍ତାନମାନଙ୍କ ଲାଳନପାଳନର ଭାର ପରିବାରରେ ସ୍ତ୍ରୀର ମୁଖ୍ୟ କାର୍ଯ୍ୟ । (୧ମ ତୀମଥି ୫:୧୪, ଓ ତିତ ୨:୪,୫) ସେ ବିଶ୍ୱସ୍ତ, ନମ୍ର ଓ ଆପଣା ପରିବାରର ମଙ୍ଗଳସାଧନକାରୀ । ଆପଣା ପରିବାରର ସୁଖ ସନ୍ତୋଷର କାରଣ, ବେଳେବେଳେ ଅନ୍ୟମାନଙ୍କ ନିମନ୍ତେ ଦୁଃଖଦାୟୀ ହୋଇଯାଇଥାଏ ।

**C.S. Lewis** ଆପଣା ପୁସ୍ତକ **"Mere Christianity"** ରେ ସ୍ତ୍ରୀ ଓ ପୁରୁଷ ପାତ୍ର ବହୁତ ସୁନ୍ଦର ଭାବେ ବର୍ଣ୍ଣନା କରିଅଛନ୍ତି ।

‘‘ପୁରୁଷ ହିଁ କାହିଁକି ପରିବାରର ମସ୍ତକ କିଅବା ନେତା ? ସ୍ତ୍ରୀ ପରିବାରର ମସ୍ତକ ହେବା କିଏ ଇଚ୍ଛା କରେ ? ଯଦିଓ କୌଣସି ସ୍ତ୍ରୀ ଆପଣା ପରିବାରର ମସ୍ତକ ରୂପେ ବ୍ୟବହାର କରେ, ତଥାପି ପ୍ରତିବାସୀର ଗୃହ ସମ ପରିସ୍ଥିତିକୁ ସେ ନିନ୍ଦା କରେ । ସେ କହେ, ‘‘ବିଚରା, ସ୍ତ୍ରୀର ଗୁଲାମ୍ !’’ କିନ୍ତୁ ଯଦି କେହି ତାହାକୁ ସେପରି ଭାବେ କହେ, ସେ ସେଥିରେ ରାଜି ହୁଏ ନାହିଁ । ସ୍ତ୍ରୀମାନେ ପୁରୁଷମାନଙ୍କ ଉପରେ ପ୍ରଭୁତ୍ୱ କରିବା ଅସ୍ୱାଭାବିକ, ସ୍ତ୍ରୀ ସମାଜ ସୁଦ୍ଧା ତାହା ଅଙ୍ଗୀକାର କରେ ନାହିଁ ।

‘‘ଏକ ଅବିବାହିତ ବ୍ୟକ୍ତି ଭାବେ ମୁଁ କହିପାରେ ଯେ, ପ୍ରତିବାସୀମାନଙ୍କ ସହିତ ପରିବାରର ସମ୍ବନ୍ଧ ପୁରୁଷ ଦ୍ୱାରା ରହିବା ଭଲ । ଯେହେତୁ ପୁରୁଷ ପ୍ରତିବାସୀ ସହିତ ସମଚିତ ବ୍ୟବହାର କରିଥାଏ । ସ୍ତ୍ରୀ ଆପଣା ସ୍ୱାମୀ ଓ ସନ୍ତାନମାନଙ୍କ ସପକ୍ଷରେ ଅନ୍ୟମାନଙ୍କ ସହିତ ବିବାଦ କରିବା ସ୍ୱାଭାବିକ ଓ ସ୍ତ୍ରୀର ସ୍ୱ ଅଧିକାର । ଏହି ଗୁଣ ଯେପରି ସୀମା ପାର ନକରେ, ଏହା ଦେଖିବା ପୁରୁଷର କାର୍ଯ୍ୟ । ପୁରୁଷର ବିଚାର କିଅବା ସ୍ୱାମୀଙ୍କ ଇଚ୍ଛା ହିଁ ପରିବାରରେ ଧାର୍ଯ୍ୟ ହେଉ ।’’

ଆପଣା ପରିବାରର ସୁଖଦୁଃଖ, ଆନନ୍ଦ ସ୍ତ୍ରୀର ମୁଖ୍ୟ ପ୍ରକୃତି ହୋଇଥିବାରୁ, ହବା ଶୟତାନର କଥାରେ ବିଶ୍ୱାସ କରିଥିଲେ । କାରଣ ତାହାଙ୍କ ଦୃଷ୍ଟିରେ ସଦାପ୍ରଭୁଙ୍କ ଆଜ୍ଞାପାଳନ କରିବା ଠାରୁ ଫଳ ଖାଇ ନିତ୍ୟଜୀବୀ ଓ ଜ୍ଞାନୀ ହେବାକୁ ସେ ଉତ୍ତମ ମଣିଲେ । ହବାଙ୍କ ବିଚାର ଭ୍ରମ ଥିଲା, ସେଥିଯୋଗୁଁ ମନୁଷ୍ୟ ସମାଜ ପାପୀ ଗଣିତ ହେଲା ।

ହବା ଆପଣା ସ୍ୱାମୀ ଠାରୁ ଆଗେ ନେତୃତ୍ୱ ନେବା ଓ ଆଦମ ଏହାର ପ୍ରତିବାଦ ନ କରିବାର ଦୁଃ କାହାଣୀ ଆମ୍ଭେମାନେ ଆଦିପୁସ୍ତକରେ ପଢ଼ିଥାଉଁ । ନିବାରିତ ଫଳ ଖାଇବା ପୂର୍ବେ ହବା, ଆଦମଙ୍କ ପରାମର୍ଶ ଲୋଡ଼ିବା ବିଷୟରେ ବାକ୍ୟରେ ଲିଖିତ ହୋଇନାହିଁ । ପରମେଶ୍ୱରଙ୍କ ଆଜ୍ଞା ଜ୍ଞାତ ଆଦମ, ହବାଙ୍କୁ ଆଜ୍ଞା ଲଙ୍ଘନ ନ କରିବା ପାଇଁ ବାରଣ କରିନଥିଲେ, ବରଂ ସେ ନିଜେ ମଧ୍ୟ ଫଳ ଖାଇଥିଲେ । ପରମେଶ୍ୱରଙ୍କ ଯୋଜିତ ପରିବାରର କ୍ରମ ଅବଲଂଘନ, ମନୁଷ୍ୟ ସମାଜର ପତ୍ତନର କାରଣ ।

❋❋❋

# କୀର୍ତ୍ତନ ଗାୟନ

## (On Singing)

କୀର୍ତ୍ତନର ଅର୍ଥ ଐଶ୍ୱରିକ ଗୀତ । ଆଦିମ ଯୁଗରୁ ମନୁଷ୍ୟମାନେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସ୍ତବଗାନ କରି ଆସୁଅଛନ୍ତି । ମିସର ଦେଶର ଦାସତ୍ୱରୁ ମୁକ୍ତ ହୋଇ ସୂଫ ସାଗର ପାର ହୋଇ ଇସ୍ରାଏଲ ସନ୍ତାନମାନେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସ୍ତବଗାନ କରିଥିଲେ । (ଯାତ୍ରା ୧୫ମ ପର୍ବ) ଇସ୍ରାଏଲର ରାଜା ଦାଉଦ ଜଣେ ସୁମଧୁର ଗାୟକ ଥିଲେ । ରାଜା ଶଲୋମନଙ୍କ ଲିଖିତ ପରମଗୀତର ୨ୟ ଅଧ୍ୟାୟ, ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀର ଏକ ସୁନ୍ଦର ପ୍ରେମ ଗୀତ ।

ଯୀଶୁଖ୍ରୀଷ୍ଟ ବେଥଲିହିମରେ ଜନ୍ମଗ୍ରହଣ କରିବା ସମୟରେ ସ୍ୱର୍ଗର ଦୂତମାନେ ସ୍ତବଗାନ କରୁ କରୁ କହିଲେ, "ଊର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷ ପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।" (ଲୂକ ୨:୧୪) ଯୀଶୁଖ୍ରୀଷ୍ଟଙ୍କ ଏହି ଜଗତ ଜୀବନର ଶେଷ ରାତ୍ରିରେ ପ୍ରଭୁଭୋଜ ନେବା ପରେ, ସେ ତାହାଙ୍କ ଶିଷ୍ୟଗଣ ସ୍ତବଗାନ କରି ଜୀତ ପର୍ବତକୁ ବାହାରିଗଲେ (ମାଥିଉ ୨୬:୩୦) । ଫିଲିପ ନଗରରେ ପାଉଲ ଓ ଶୀଲା କାରାଗାରରେ ନିକ୍ଷିପ୍ତ ହୋଇ, ମଧ୍ୟରାତ୍ରିରେ,"........ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ ।" (ପ୍ରେରିତ ୧୬:୨୫) । ଉପରୋକ୍ତ ଉଦାହରଣରୁ ସ୍ତବଗାନ ବା କୀର୍ତ୍ତନ ଆଧ୍ୟାତ୍ମିକ ଜୀବନର ଏକ ଅଂଶ ବୋଲି ବୁଝିପାରୁ ।

ନୂତନ ନିୟମରେ ବ୍ୟକ୍ତିଗତ ସ୍ତବଗାନ ଓ ସାମୂହିକ (ମଣ୍ଡଳୀରେ) ସ୍ତବଗାନ ବିଷୟରେ ପଢ଼ିଥାଉ । ଆମ୍ଭେମାନେ ଯେପରି ବ୍ୟକ୍ତିଗତ ଭାବେ ପ୍ରାର୍ଥନା କରୁ, ସେପରି ବ୍ୟକ୍ତିଗତ ଭାବେ ସ୍ତବଗାନ କରୁ । ଯାକୁବ କହନ୍ତି, ''ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ଦୁଃଖଭୋଗ କରୁଅଛି ? ସେ ପ୍ରାର୍ଥନା କରୁ କରୁ କେହି କଅଣ ଆନନ୍ଦିତ ଅଟେ ? ସେ ଗୀତ ଗାନ କରୁ ।'' (ଯାକୁବ ୫:୧୩) । କରିନ୍ଥୀ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି,''.......ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି, ଆତ୍ମା ଦ୍ୱାରା ସ୍ତୁତିଗାନ କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି ।'' (୧ମ କରିନ୍ଥୀ ୧୪:୧୫) । ଖ୍ରୀଷ୍ଟିୟାନମାନଙ୍କ ହୃଦୟରେ ଥିବା ଆନନ୍ଦ, କୀର୍ତ୍ତନ ଦ୍ୱାରା ପ୍ରକାଶିତ ହୁଏ । ସାମୂହିକ କୀର୍ତ୍ତନ ଗାୟନ ବିଷୟରେ ଏବ୍ରୀ ପୁସ୍ତକ କର୍ତ୍ତା ଦାଉଦଙ୍କ ଗୀତର ଏହି ବାକ୍ୟ କହନ୍ତି, ଯାହା କହେ,''........ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣା କରିବି, ସମାଜ ମଧ୍ୟରେ ତୁମ୍ଭର ପ୍ରଶଂସା କରିବି ।'' (ଏବ୍ରୀ ୨:୧୨) ଏଠାରେ ''ସମାଜ'' ପଦ ଅର୍ଥ ମଣ୍ଡଳୀ, ଯାହା ଆପଣା ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟରେ ସ୍ତବଗାନ କରେ । ଦାଉଦଙ୍କ ସମୟରେ ଈଶ୍ୱର ଭକ୍ତମାନଙ୍କ ଦଳ ମନ୍ଦିରର ପ୍ରାଙ୍ଗଣରେ କୀର୍ତ୍ତନ ଗାୟନ କରୁଥିଲେ । ବର୍ତ୍ତମାନ ମଶୀହଙ୍କ ରାଜ୍ୟରେ ଏକ ନୂତନ ଦଳ (ମଣ୍ଡଳୀ) ପରମେଶ୍ୱରଙ୍କ କୀର୍ତ୍ତନ ଗାୟନ କରେ ।

ଆମ୍ଭେମାନେ କାହିଁକି କୀର୍ତ୍ତନ ଗାୟନ କରୁ ? କୀର୍ତ୍ତନ ଦ୍ୱାରା ଆମ୍ଭେମାନେ ସ୍ତୁତିଗାନ କରି, ଧନ୍ୟବାଦ ଅର୍ପଣ କରୁ । (୧ମ କରିନ୍ଥୀ ୧୪:୧୫) । ତାହାଙ୍କ ଆଜ୍ଞାବହମାନଙ୍କୁ ସେ ଆଶ୍ଚର୍ଯ୍ୟଦାୟକ ବହୁମୂଲ୍ୟ ପରିତ୍ରାଣ ଦାନ କରିଅଛନ୍ତି । (ଏବ୍ରୀ ୫:୯ ଓ ଏଫିସୀ ୬:୧୭) । ସେ ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରନ୍ତି । (ମାଥିଉ ୬:୩୩) । ତେଣୁକରି ଆମ୍ଭେମାନେ ଆମ୍ଭମାନଙ୍କ ହୃଦୟର କୃତଜ୍ଞତା ଭାବ ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ । (ଏବ୍ରୀ ୧୩:୧୫) । କୀର୍ତ୍ତନ ଗାୟନ ଦ୍ୱାରା ଆମ୍ଭେମାନେ ଅନ୍ୟମାନଙ୍କୁ ଉତ୍ସାହିତ କରି ଶିକ୍ଷା ଦେଉ । ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ, ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର ।'' (କଲସୀ ୩:୧୬) । କୀର୍ତ୍ତନ ମାଧ୍ୟମରେ ଆମ୍ଭେମାନେ ଶ୍ରୋତାମାନଙ୍କ ହୃଦୟରେ ଈଶ୍ୱରଙ୍କ ବାକ୍ୟ ପହଞ୍ଚାଇପାରୁ ।

କୀର୍ତ୍ତନରେ ନିହତ ଭାବ ସେମାନଙ୍କୁ ଶିକ୍ଷା ଓ ଚେତନା ଦିଏ । ଓଷ୍ଠ, ଜିହ୍ୱା, ହୃଦୟ, ଆତ୍ମା ଓ ଆଲୋଚନା ସହ ଆମ୍ଭେମାନେ କୀର୍ତ୍ତନ ଗାୟନ କରୁ, ଯାହାକି ଅନ୍ୟମାନଙ୍କୁ ଶିକ୍ଷା ଓ ଚେତନା ଦିଏ । ବାଦ୍ୟଯନ୍ତ୍ର ଦ୍ୱାରା କୀର୍ତ୍ତନ ଏସବୁ କରିପାରେ ନାହିଁ ।

କୀର୍ତ୍ତନଗୁଡ଼ିକ ସ୍ମୃତିରୁ ଗାଇବା ଆବଶ୍ୟକ କିଅବା ବହିରୁ ଗାଇବା ଆବଶ୍ୟକ ବୋଲି ଅନେକ ପ୍ରଶ୍ନ କରନ୍ତି । ଯେକୌଣସି ଭାବେ ହେଉ ଆମ୍ଭେମାନେ ପରମେଶ୍ୱରଙ୍କ ସ୍ତବଗାନ କରିବା ଆବଶ୍ୟକ । ମୁଁ ଥରେ 'ଲାକ୍ସିଡମ୍' ବୋଲି ଗୋଟିଏ ଗ୍ରାମକୁ ସୁସମାଚାର ପ୍ରଚାର ନିମନ୍ତେ ଯାଇଥିଲି । ସେଠାରେ ପ୍ରଚାରକ ବ୍ୟତୀତ ଅନ୍ୟମାନେ ଅଶିକ୍ଷିତ ଥିଲେ, ତଥାପି ସେମାନେ ସୁନ୍ଦରଭାବେ ଏକସ୍ୱରରେ ପରମେଶ୍ୱର କୀର୍ତ୍ତନ ଗାୟନ କରିଥିଲେ । କାରଣ ସେମାନଙ୍କ ପ୍ରଚାରକ ସେମାନଙ୍କୁ ଉତ୍ତମ ଭାବେ ପ୍ରଶିକ୍ଷଣ ଦେଇଥିଲେ । ସବୁ ସମୟରେ ସବୁସ୍ଥାନରେ ସ୍ମୃତିରୁ କୀର୍ତ୍ତନ ଗାୟନ କରାଯାଇ ନପାରେ, ସେଥି ନିମନ୍ତେ ଗୀତପୁସ୍ତକର ଆବଶ୍ୟକତା ପଡ଼ିଥାଏ । ସ୍ଥାନୀକ ମଣ୍ଡଳୀ ଗୀତପୁସ୍ତକ ମୁଦ୍ରଣ କରି, ସଭ୍ୟମାନଙ୍କୁ ଯୋଗାଇ ଦେଇପାରିଲେ ମଣ୍ଡଳୀ ଏକତ୍ର ଏକସ୍ୱରରେ ପରମେଶ୍ୱରଙ୍କ ସ୍ତବଗାନ କରିପାରିବ । ବେଳେବେଳେ ସଭ୍ୟମାନଙ୍କ କୀର୍ତ୍ତନ ଗାୟନର ବିଶେଷ ଭାବେ ଅଭ୍ୟାସ କରିବା ଆବଶ୍ୟକ । ବାଦ୍ୟଯନ୍ତ୍ର ବ୍ୟବହାର କରିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ଆଜ୍ଞା ଦିଏ ନାହିଁ ।

ଲୋକେ କହନ୍ତି, ତେବେ ଗୀତପୁସ୍ତକର ବ୍ୟବହାର ନିମନ୍ତେ ମଧ୍ୟ ଆମ୍ଭେମାନେ ଆଜ୍ଞାପିତ ହୋଇନାହୁଁ । ବାଇବଲରେ ଏପରି କେତୋଟି ବିଷୟ ଅଛି, ଯାହା ଆମ୍ଭେମାନେ ଲିଖିତଭାବେ ଆଜ୍ଞାପିତ ହୋଇନାହୁଁ । କିନ୍ତୁ ଆବଶ୍ୟକତାନୁଯାୟୀ କାର୍ଯ୍ୟ କରୁ । ଉଦାହରଣ ସ୍ୱରୂପ : ମଣ୍ଡଳୀ ନିମନ୍ତେ ଆବାସଗୃହ ନିର୍ମାଣ ନିମନ୍ତେ ବାକ୍ୟଦ୍ୱାରା ଆମ୍ଭେମାନେ ଆଜ୍ଞାପିତ ହୋଇନାହୁଁ । ତଥାପି ଆମ୍ଭମାନଙ୍କ ଆବଶ୍ୟକତାନୁଯାୟୀ ଆମ୍ଭେମାନେ ମଣ୍ଡଳୀ ଉପାସନା ନିମନ୍ତେ ଗୃହ ନିର୍ମାଣ କରୁ । ସଦାପ୍ରଭୁ ତାହାଙ୍କ ଉପାସନା କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି, ଏହି ଆଜ୍ଞାପାଳନ କରିବା ନିମନ୍ତେ ଆବଶ୍ୟକ ବିଷୟସବୁ ଆମ୍ଭମାନଙ୍କୁ ଆୟୋଜନ କରିବା ଆବଶ୍ୟକ । ଠିକ୍ ସେହିପରି ଆମ୍ଭେମାନେ କୀର୍ତ୍ତନ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ, ସ୍ମୃତି ହେଉ ବା ଗୀତ ପୁସ୍ତକ ଠାରୁ ହେଉ ।

ପରମେଶ୍ୱରଙ୍କ ସ୍ତୁତିଗାନ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ଏହି ଆଜ୍ଞା ଆମ୍ଭେମାନେ ପାଳନ କରିବା ନିମନ୍ତେ ବାଧ୍ୟ । (୧ମ ଶାମୁୟେଲ ୧୫:୨୨) ଅନ୍ୟ କୌଣସି ବିଷୟ ଏଥିରେ ଯୋଗକରିବା ନିମନ୍ତେ ଆମ୍ଭମାନଙ୍କୁ ଅଧିକାର ନାହିଁ । (ଲେବୀ ୧୦:୧,୨) । ପୂର୍ଣ୍ଣ ହୃଦୟରେ, ପୂର୍ଣ୍ଣ ବିବେକରେ ଆମ୍ଭେମାନେ ଓଷ୍ଠ ଦ୍ୱାରା ତାହାଙ୍କ କୀର୍ତ୍ତନ ଗାୟନ କରୁ । କୀର୍ତ୍ତନ ଗାୟନ ଆମ୍ଭମାନଙ୍କ ଆମୋଦ ନିମନ୍ତେ ନୁହେଁ, କିନ୍ତୁ ସଦାପ୍ରଭୁଙ୍କ ଆଜ୍ଞା ପାଳନ ନିମନ୍ତେ । (ଯୋହନ ୧୪:୨୧) । ମଣ୍ଡଳୀର ନେତାମାନେ ସଭ୍ୟମାନଙ୍କ ସଂଖ୍ୟା ଓ ଦାନ ଅଭିବୃଦ୍ଧି ନିମନ୍ତେ ଶ୍ରମ କରିବା ସଙ୍ଗେ ସଙ୍ଗେ ସେମାନେ ମଣ୍ଡଳୀ ଉପାସନାରେ କୀର୍ତ୍ତନ ଗାୟନର ଅଭିବୃଦ୍ଧିରେ ମଧ୍ୟ ଶ୍ରମ କରିବା ଆବଶ୍ୟକ ।

***- Nehemiah Gootam***

❋❋❋

**Edited & Published by : Kabita & Joshua Gootam**

# HEAVEN

John 14 : 1-3; Revelation 22:14
Revelation 2 : 10

*INTRODUCTION:*

1. There is no place like home here on earth.
2. Heaven is the home of the soul.
3. The more we know about it then the more we will want to go there.
4. Must prepare to go to it.

*DISCUSSION:*

**I. What is Heaven ?**

1. A place prepared. (John 14:1-3).
2. A beautiful city. (Revelation 21,22).
3. A place of rest.
4. Home of the soul.
5. It is eternal.
6. It is in the future.

**II. Why we should be Interested in it.**

1. Nothing is permanent here.
2. Material things do not satisfy.
3. Life is full of sorrows.
4. Made tired by responsibility and work.
5. Look forward to a better life.
6. Death is certain.
7. Judgment is coming.
8. Eternity is forever.

**III. Who will be There ?**

1. God.
2. Christ.
3. Angels.
4. Righteous.
5. The kingdom of God.

**IV. Things not There.**

1. Flesh and blood.

2. Sin.
3. Wicked.
4. Sorrow.
5. Death.

**V. How can we go There ?**

1. By wanting to go.
2. By obeying the gospel.
3. By living for the Lord.
4. By being faithful unto death. (Rev. 2:10).
5. In the mean time our name will be written in the book of life.

*CONCLUSION :*

1. Heaven is a real place.
2. Too many think of it only as a myth.
3. Must become serious about it and plan to go there.
4. Those who do not go there will go to hell.

**- J.C.Chote.**

*Printed Book Only*

From:

SATYA VANI
**P.O. Box 80,**
**Kakinada - 533 001**

**To**

**(FOR PRIVATE CIRCULATION ONLY)**